# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଦାନିୟେଲ ଏବଂ ସିଂହର ଗର୍ତ୍ତ


ଲେଖକ: Edward Hughes

ଦୃଷ୍ଟାନ୍ତ: Jonathan Hay

ଅନୁବାଦକ: Prasanta Bhuyan

ଉପଯୋଜକ: Mary-Anne S.


କାହାଣି ୬୦ ରୁ ୩୪


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ୱତ୍ତ୍ୱ: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ — Oriya

ଦାରିୟାବସ ବାବିଲର ନୂତନ ଭାବରେ ରାଜା ହେଲ । ସେ ଚ଼ତୁର ଲୋକ ଥିଲା । ସେ ନିଜ ଦେଶରୁ ଏକଶତ କୋଡ଼ିଏ ଜଣ ଲୋକ ବାଛିଲା ଯେଉଁମାନେ ରାଜାଙ୍କୁ ରାଜ କାର୍ଯ୍ୟରେ ସହାୟତା କରେବେ ।





ସେହି କ୍ଷତିପାଳଙ୍କ ଉପରେ ତିନିଜଣ ଅଧ୍ୟକ୍ଷ ନିଯୁକ୍ତ କରିବାକୁ ବିହିତ ବୁଝିଲା । ଏହି ତିନିଜଣ ମଧ୍ୟରେ ଦାନିୟେଲ ଏକଜଣ ଥିଲେ ।



ରାଜା ଦାରିୟାବସ ଦାନିୟେଲଙ୍କୁ ଅତ୍ୟଧିକ ସମ୍ମାନ କଲେ. ରାଜା ତାହାକୁ ସମୁଦାୟ ରାଜ୍ୟ ଉପରେ ନିଯୁକ୍ତ କରିବାକୁ ମନସ୍ଥ କଲେ ।



3

ଏଥିରେ ଅନ୍ୟ ରାଜ କର୍ମଚ଼ାରିଗଣ ଦାନିୟେଲଙ୍କୁ ଇର୍ଷ୍ୟା କଲେ । ସେମାନେ ଦାନିୟେଲଙ୍କ ଦୋଷ ଅନୁଶନ୍ଧାନ କଲେ, ତେଣୁ ସେମାନେ ଦାନିୟେଲଙ୍କର ରାଜ କାର୍ଯ୍ୟରେ କୌଣସି ଅସୁବିଧା କରି ପାରିଲେ ନାହିଁ ।



4

ସେମାନେ ଯେତେ ଚ଼ଷ୍ଟା କଲେ ମଧ୍ୟ, ସେମାନେ ଦାନିୟେଲଙ୍କର କୌଣସି ଦୋଷ ପାଇ ପାରିଲେ ନାହିଁ, କାରଣ ସେ ବିଶ୍ୱସ୍ଥ ଥିଲେ ଓ ତାଙ୍କର କୌଣସି ଭ୍ରାନ୍ତି ଅବା ଅପରାଧ ଦେଖାଗଲା ନାହିଁ । ସେ ମଧ୍ୟ ଶତର୍କ ପରାୟଣ ଓ ଚ଼ତୁର ଥିଲେ । ସେ ସର୍ବଦା ଅତି ଯତ୍ନରେ ନିର୍ଭୁଲ ଭାବରେ କାର୍ଯ୍ୟ କରିବାକୁ ଚ଼େଷ୍ଟା କଲେ ।



5

ସେହି ଅଧ୍ୟକ୍ଷମାନେ ଜାଣିଥିଲେ ସେମାନେ ଦାନିୟଲର ପରମେଶ୍ୱରଙ୍କ ବ୍ୟବସ୍ଥା ସମ୍ବନ୍ଧରେ ତାହାର ଦୋଷ ନ ଧରି ପାରିଲେ ଆଉ କୌଣସି ବିଷୟରେ ଦୋଷ ପାଇ ପାରିବା ନାହିଁ । ସେମାନେ ଜାଣିଥିଲେ ସାରା ଜଗତରେ କୌଣସି ବସ୍ତୁ କିଅବା ଲୋକ ତାହାକୁ ଇସ୍ରାଏଲର ସଦାପ୍ରଭୁଙ୍କୁ ଉପାସନା କରିବାରେ ଅଟକାଇ ପାରିବେ ନାହିଁ ।



6




ଦାନିୟେଲର ବିଧ ଏକ ମନ୍ତ୍ରଣା କଲେ । ସେମାନେ ଏକ ବଧି ସ୍ଥାପନ କରି ରାଜାଙ୍କର ହସ୍ତାକ୍ଷର ନେବାକୁ ସ୍ଥିର କଲେ । ସେହି ବିଧି ଅନୁସାରେ ଯଦି କେହି ତିରିଶ ଦିନ ପର୍ଯ୍ୟନ୍ତ କୌଣସି ଦେବତା କିଅବା ମନୁଷ୍ୟର ନିକଟରେ ପ୍ରାର୍ଥନା କରିବ ସେ ସିଂହମାନଙ୍କ ଗର୍ତ୍ତରେ ନିକ୍ଷିପ୍ତ ହେବ ।

7

ରାଜା ଦାରିୟାବସ ଏକ ନୂତନ ବିଧି ହସ୍ତାକ୍ଷର କଲେ ।



8


ସେହି ନୂତନ ନିୟମ ଦାନିୟେଲଙ୍କ ଜୀବନର କୌଣସି
ପରିବର୍ତ୍ତନ କଲା ନାହିଁ । ସେ ପୂର୍ବରେ ଯେପର କରିଥାଆନ୍ତି
ସେପରି କଲେ । ସେ ଝରକା ମେଲା କରି ଦିନ ମଧ୍ୟରେ
ତିନିଥର ଆଣ୍ଠୁପାତି ପ୍ରାର୍ଥନା କଲେ ଓ ଆପଣା
ପରମେଶ୍ୱରଙ୍କ ଛାମୁରେ ଧନ୍ୟବାଦ ପ୍ରଦାନ କଲେ ।
9


ସେହି ଈର୍ଷ୍ୟାନ୍ୱିତ
ଦେଶାଧିକ୍ଷଗଣ ରାଜାର
ନିକଟକୁ ଯାଇ ରାଜକୀୟ
ନିଷେଧ ବିଧି ବିଷୟରେ
ତାଙ୍କ ଛାମୁରେ କହିଲେ ।
ରାଜା ଦାରିୟାବସର
ଦାନିୟେଲଙ୍କ ଅକ୍ତିଆର
କରିବା ଅପେକ୍ଷା ଆଉ
କୌଣସି ଉପାୟ ନଥିଲା ।
10


ନିୟମ ପାଳନ କରିବାକୁ
ହେବ । ଏବଂ ଦାନିୟେଲଙ୍କୁ
ମରିବାକୁ ହେବ । ରାଜ
ଯେତେ ଚେଷ୍ଟା କଲେମଧ୍ୟ
ନିୟମ ବଦଳାଇବା
ମାଧ୍ୟମ ପାରିଲେ ନାହିଁ ।
11


ତହୁଁ ରାଜା ଆଜ୍ଞା କରନ୍ତେ ସେମାନେ ଦାନିୟେଲଙ୍କୁ ଆଣି ସିଂହମାନଙ୍କ ଗର୍ତ୍ତରେ ନିକ୍ଷେପ କଲେ ।
ଦାନିୟେଲଙ୍କୁ ସେହି ଭୋକିଲା ସିଂହମାନଙ୍କ ଗର୍ତ୍ତରେ ଫିଙ୍ଗିବା ପୂର୍ବରୁ ରାଜା ଦାରିୟାବସ
ଦାନିୟେଲଙ୍କୁ ତୁମ୍ଭେ ନିତ୍ୟ ନିତ୍ୟ ଯେଉଁ ପରମେଶ୍ୱରଙ୍କର ସେବା
କରୁଅଛ ସେ ତୁମ୍ଭକୁ ଉଦ୍ଧାର କରିବେ ।
12


ସେହି ରାତ୍ରୀରେ ରାଜାଙ୍କର ନିଦ୍ରା ନୋହିଲା । ରାଜା ଅତି ପ୍ରଭାତରେ ଉଠି ସିଂହମାନଙ୍କର ଗର୍ତ୍ତ
ନିକଟକୁ କଲା ପୁଣି ସେ ଗର୍ତ୍ତ ନିକଟରେ ଦାନିୟେଲଙ୍କ ପାଖରେ ଉପସ୍ଥିତ ହେଲେ ।
13


ହେ ଜୀବୀତ ପରମେଶ୍ୱରଙ୍କ ସେବକ
ଦାନିୟେଲ, ତୁମେ ନିତ୍ୟ ନିତ୍ୟ
ଯାହାଙ୍କର ସେବା କରୁଅଛ ତୁମର
ସେହି ପରମେଶ୍ୱର ସିଂହ ମାନଙ୍କଠାରୁ
ତୁମକୁ ଉଦ୍ଧାର କରିବାକୁ କି  ସମର୍ଥ
ଅଟନ୍ତି, ହୋଇପାରେ ସେ କୌଣସି
ଉତ୍ତର ଆଶା କରୁ ନ ଥିଲେ । ମାତ୍ର
ଦାନିୟେଲ ଉତ୍ତର ଦେଲେ ।
14

ତହିଁରେ ଦାନିୟେଲ
ରାଜାଙ୍କୁ ଡାକି କହିଲେ,
ହେ ମହାରାଜା ଚିରଜୀବୀ
ହେଉନ୍ତୁ, ମୋହର ପରମେଶ୍ୱର ଆପଣା
ଦୂତ ପଠାଇ ସିଂହ ମାନଙ୍କ ମୁଖ ବନ୍ଦ
କରିଅଛନ୍ତି । ସେମାନେ ମୋହର
କୌଣସି ଷତୁ କରି ନାହାନ୍ତି ।
ପୁଣି, ହେ ମହାରାଜ, ମୁଁ
ଆପଣଙ୍କ ସାକ୍ଷାତରେ ହିଁ
କୌଣସି ଷତି କରିନାହିଁ ।



15

ତହିଁରେ ରାଜା ଅତିଶୟ ଆନନ୍ଦିତ ହୋଇ ଆଣିବାକ ଗର୍ତ୍ତମଧ୍ୟରୁ ଉଠାଇ ଦାନିୟେଲଙ୍କୁ ଆଜ୍ଞା ଦେଲା ।



16

ରାଜା ଜାଣିଥିଲେ ଯେ ସଦାପ୍ରଭୁ
ଦାନିୟେଲଙ୍କୁ ଉଦ୍ଧାର କରିଅଛନ୍ତି ଏବଂ
ଦାନିୟେଲଙ୍କ ଶତ୍ରୁମାନେ ସଦାପ୍ରଭୁଙ୍କ ଶତ୍ରୁମାନେ
ଅଟନ୍ତି । ପୁଣି ରାଜା ଆଜ୍ଞା କରନ୍ତେ ଲୋକମାନେ
ଦାନିୟେଲଙ୍କର ଅପବାଦକାରୀ
ମାନଙ୍କୁ ଆଣି ସେମାନଙ୍କୁ
ସିଂହମାନଙ୍କର ଗର୍ତ୍ତରେ
ପକାଇଲେ । ସିଂହମାନେ
ସେମାନଙ୍କୁ
ଖାଇଲେ ।



17

ରାଜା ଦାରିୟାବସ ଚାହୁଁଥିଲେ ଯେ ସମୁଦାୟ ପୃଥିବୀ ସେହି ସ୍ୱର୍ଗବାସି ଈଶ୍ୱରଙ୍କ ବିଷୟରେ ଜ୍ଞାତ ହୁଅନ୍ତି ଯେ ତାଙ୍କର ଭକ୍ତ ଦାସକୁ ରକ୍ଷା କରିଅଛନ୍ତି । ତେଣି ସେ ଏକ ଆଜ୍ଞାପତ୍ର ସମୁଦାୟ ପୃଥିବୀକୁ ଲେଖିଲେ ଯେପରି ସେମାନେ ଜୀବୀତ ପରମେଶ୍ୱରଙ୍କ ଉପାସନା କରିବେ । ରାଜା ଦାନିୟେଲଙ୍କୁ ତାଙ୍କର ପଦବି ଓ ସମ୍ମାନ ଜଲେ ।



18

ଦାନିୟେଲ ଏବଂ ସିଂହର ଗର୍ତ୍ତ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଦାନିୟେଲ ୬

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।